ଓଡ଼ିଶାର
ପ୍ରଥମ ଏକମାତ୍ର ଓ ବହୁ ବିକ୍ରୀତ ସାହିତ୍ୟ ଭିତ୍ତିକ ସମ୍ବାଦ ପତ୍ର

# ସାହିତ୍ୟ ସମ୍ବାଦ

ସାହିତ୍ୟଜଗତ ଯାହା ଯେମିତି

ଚତୁର୍ଥ ବର୍ଷ, ପ୍ରଥମ ସଂଖ୍ୟା, ୧୯୯୨, ଦୁଇଟଙ୍କା

## ମନୋଜ ଦାସ

### ହଠାତ୍ ଦେଖାରେ

### ଯାହା କହନ୍ତି



ଜାନୁଆରୀ ମାସ ୧୨ ତାରିଖ ପୂର୍ବାହ୍ନ। ଏୟାର ପୋର୍ଟରୁ ଆସି ପ୍ରସ୍ତୁତ ହେଉଥାନ୍ତି ସେ ବାଲେଶ୍ୱର ସେଇଦିନ ଚାଲିଯିବାପାଇଁ ଫକୀର ମୋହନ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ବ୍ୟାସକବିଙ୍କ ୧୫୦ ତମ ଜୟନ୍ତୀ ଉତ୍ସବରେ ଯୋଗଦେବା ଉଦ୍ଦେଶ୍ୟରେ। ପୁଣି ତା ପୂର୍ବରୁ ମଧ୍ୟାହ୍ନ ଭୋଜନ ପାଇଁ ଜଣେ ବନ୍ଧୁଙ୍କ ଠାରୁ ନିମନ୍ତ୍ରଣ। ଏମିତି ଗୋଟେ ଅପ୍ରସ୍ତୁତ ଓ ଅବ୍ୟବସ୍ଥିତ ସମୟରେ ମନୋଜବାବୁଙ୍କ ସହ ଆମର ଥିଲା ଏକ ସୌଜନ୍ୟମୂଳକ ସାକ୍ଷାତ। କୌଣସି ଆନୁଷ୍ଠାନିକ ସାକ୍ଷାତକାର ପାଇଁ ଆମେ ଯାଇନଥିଲୁ ସେଦିନ। କେବଳ ସେଇ ଅଧଘଣ୍ଟାଏ ସମୟଭିତରେ ଆମ ଭିତରେ ଯେଉଁ ଆଳାପ ଆଲୋଚନା ଆମ ସାହିତ୍ୟ ଆମ ପରିବେଶକୁ ନେଇ, ତାର କିଛି ଅଂଶ ମାତ୍ର ପାଠକ ମାନଙ୍କୁ ଆମର ନିବେଦନ।

-ଏଥର ଆପଣ କ'ଣ ଫକୀର ମୋହନ ଜୟନ୍ତୀରେ ଯୋଗ ଦେବାପାଇଁ ଓଡ଼ିଶା ଆସିଛନ୍ତି ?

ହଁ ପ୍ରାୟ ସେଇଆ। ମୋର ଏଠାରେ ତିନି ଚାରିଦିନ ରହଣୀ ମଧ୍ୟରେ କିଛି ଅନ୍ୟକାମ ଥିଲେ ମଧ୍ୟ ମୁଁ ଏହି କାର୍ଯ୍ୟକ୍ରମ ପାଇଁ ଆସିଛି କହିଲେ ଚଳେ। ଏହି ଉତ୍ସବ ମୋପାଇଁ ଏକ କର୍ତ୍ତବ୍ୟ ବୋଲି ବିବେଚନା କରି ମୁଁ ଆସିଛି। ଏ ବାବଦରେ ମୋର ଯାତାୟାତ ଖର୍ଚ୍ଚ ମୁଁ ନିଜେ ବହନ କରିବି। ଆୟୋଜକ ମାନେ ଦେଲେ ମଧ ମୁଁ ତାହା ଗ୍ରହଣ କରିବି ନାହିଁ। ଫକୀର ମୋହନଙ୍କର ଜୟନ୍ତୀ ପାଳନ ପ୍ରତ୍ୟେକ ଓଡ଼ିଆ ପାଇଁ ଏକ ଜାତୀୟ କର୍ତ୍ତବ୍ୟ। ମୁଁ ଆଶା କରିଥିଲି ଅନ୍ତତଃ ରାଜ୍ୟ ସ୍ତରରେ ସର୍ବତ୍ର ଏହି ୧୫୦ ତମ ଜୟନ୍ତୀ ପାଳନ ହେବ, ଯେପରି ବଙ୍ଗଳାରେ ରବୀନ୍ଦ୍ର ଶତବାର୍ଷିକୀ ପାଳନ ହେଇଥିଲା। ଅଥଚ ଏଠାରେ ଆସି ମୁଁ ଦେଖୁଛି ଏହା ବାଲେଶ୍ୱର ମଧ୍ୟରେ ସୀମିତ ହୋଇ ଯାଇଛି। ଏ ଅବଶ୍ୟ ବଡ଼ ପରିତାପର ବିଷୟ।

- ଆମେ ଦେଖୁଛୁ ଭାରତୀୟ ସାହିତ୍ୟ କ୍ଷେତ୍ରରେ ଏକ ସନ୍ଧିକ୍ଷଣ ଏଇନେ ସୃଷ୍ଟି ହୋଇଛି। ହିନ୍ଦୀ, ଇଂରାଜୀ ଓ ପ୍ରାନ୍ତୀୟ ଭାଷାମାନଙ୍କରେ ସାହିତ୍ୟ ପତ୍ର ପତ୍ରିକା ସବୁ ବନ୍ଦ ହୋଇ ଯାଉଛି ଦିନକୁ ଦିନ। ଯେମିତି ସାରିକା, ଇଲଷ୍ଟ୍ରେଟେଡ଼ ଉଇକ୍ଲି, ହେରିଟେଜ୍ ଇତ୍ୟାଦି। ଆପଣ ଏବିଷୟରେ କ'ଣ ଭାବୁଛନ୍ତି ?

ଆପଣ ଯାହା କହୁଛନ୍ତି ତାହା ପ୍ରାୟ ସତ୍ୟ। ତେବେ ସାରିକା ବନ୍ଦ ହେବା ମୂଳରେ ପ୍ରକାଶକଙ୍କ ଯୁକ୍ତି ଥିଲାଯେ ଏହା ତାଙ୍କୁ ଲାଭ ଦେଉନାହିଁ। ପ୍ରକାଶକ ଜଣେ ବ୍ୟବସାୟୀ ଓ ସେଇ ଦୃଷ୍ଟିରୁ ଲାଭ କ୍ଷତିର ବିଚାର ତାଙ୍କ ପାଇଁ ବଡ଼। ପାଠକ ମାନଙ୍କର ଆଗ୍ରହ କିମ୍ବା ସାହିତ୍ୟପ୍ରତି ତାଙ୍କର କୌଣସି ଅଙ୍ଗୀକାର ନାହିଁ। ଏକଥା ମଧ୍ୟ ସତ୍ୟ ସାହିତ୍ୟ ପତ୍ରିକା କରି ବ୍ୟବସାୟିକ ଲାଭ ହାସଲ କରିବା ଆମ ଦେଶରେ ଏଯାଏଁ ସମ୍ଭବ ହୋଇନାହିଁ। ଇଲଷ୍ଟ୍ରେଟେଡ଼ ଉଇକ୍ଲି କ୍ଷେତ୍ରରେ ସମସ୍ୟା ହେଲାଯେ titilation ପାଇଁ scandal ପଛରେ ସମ୍ପାଦକ ଦୌଡ଼ିଲେ ଯାହାର ପରିଣାମରୁ ଆଜି ଏପରି ଅବସ୍ଥା ସୃଷ୍ଟି ହେଲା। ଆଉ ହେରିଟେଜ କଥା ଆପଣମାନେ ତ ପ୍ରାୟ ଜାଣନ୍ତି। ଯେଉଁ ବିଜ୍ଞାପନ ଗୁଡ଼ିକ ଆମ ପତ୍ରିକାର ଆଭିମୁଖ୍ୟର ପରିପନ୍ଥୀ ସେସବୁକୁ ଆମେ ଗ୍ରହଣ କଲୁନାହିଁ। ଉଦାହରଣ ସ୍ୱରୂପ ଆପଣ ଏକ ଟେଲିଭିଜନର ବିଜ୍ଞାପନ ଦେଖୁଥିବେ ଯେଉଁଥିରେ ପଡ଼ୋଶୀର ଈର୍ଷାକୁ ଗୁରୁତ୍ୱ ଦିଆଯାଇଛି। ମଣିଷର କେତେ ସୂକ୍ଷ୍ମ ମାନବିକ ମୂଲ୍ୟବୋଧ ଥାଉଁ ଥାଉଁ 'ଈର୍ଷା' କୁ ପ୍ରଚାରର ମାଧ୍ୟମ କରିବା କାହିଁକି? ଏସବୁ ବିଜ୍ଞାପନ ଗ୍ରହଣ କରିବାକୁ ମନା କରିଦେଲୁ। ତେଣୁ ସେହି ସବୁ ଗୋଷ୍ଠୀର ବିରାଗ ର ଶିକାର ହେଲା ହେରିଟେଜ। ମୁଁ ଜାଣିଛି ହେରିଟେଜ ଭାରତ ଏବଂ ଭାରତ ବାହାରେ ଏପରିକି ସୋଭିଏତ ରୁଷିଆରେ ମଧ୍ୟ ଯଥେଷ୍ଟ ଆଦର ଲାଭ କରିଥିଲା। କିନ୍ତୁ ପ୍ରତିକୂଳ ପରିସ୍ଥିତିରେ ତାହା ବନ୍ଦ ହେବାକୁ ପଡ଼ିଲା।

- ଆମେ ଦେଖୁଛୁ ଯେ ଆମ ଦେଶରେ ବର୍ତ୍ତମାନ ସିରିୟସ ଲିଟ୍‌ରେଚର ପ୍ରତି ଲୋକମାନଙ୍କର ଆଗ୍ରହ କମି କମି ଯାଉଛି। ବିଶେଷତଃ ଟେଲିଭିଜନ ର ବ୍ୟାପକ ପ୍ରସାର ପରେ ଲୋକମାନଙ୍କର ବିଶେଷତଃ ନୂଆପିଢ଼ୀର ଯୁବକ ଯୁବତୀମାନଙ୍କ ମଧ୍ୟରେ ସାହିତ୍ୟ ପ୍ରତି ଆଦର ରହୁନାହିଁ। ଆପଣତ ବହୁ ବିଦେଶ ରାଷ୍ଟ୍ର ବୁଲି ଦେଖିଛନ୍ତି। ତେବେ ସେଠାକାର ପରିସ୍ଥିତି ଓ ଆମର ପରିସ୍ଥିତିରେ କିଛି ପାର୍ଥକ୍ୟ ଅଛିକି ?

ଆମ ଦେଶ ବିଷୟରେ ଯାହା କହିଲେ ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ ଯେ ଟେଲିଭିଜନ ଆସିବାପରେ ଲୋକମାନଙ୍କର ପଢ଼ାପଢ଼ି ପ୍ରତି ଆଗ୍ରହ କମି କମି ଯାଉଛି ଏବଂ ସିରିୟସ ଲିଟରେଚର ପ୍ରତି ଏହା ଗୋଟିଏ ଚାଲେଞ୍ଜ ଭାବରେ ଦେଖାଦେଇଛି। କିନ୍ତୁ ଉନ୍ନତ ପାଶ୍ଚାତ୍ୟ ଦେଶମାନଙ୍କରେ ପରିସ୍ଥିତି ଟିକେ ଭିନ୍ନ। ସେଠାରେ ଟେଲିଭିଜନ ପ୍ରସାରଣ ବ୍ୟବସ୍ଥା ଆମଠାରୁ ଯଥେଷ୍ଟ ଉନ୍ନତ। କିନ୍ତୁ ଲୋକମାନଙ୍କର ପଠନାଭ୍ୟାସ ପ୍ରାୟ ଅପରିବର୍ତ୍ତିତ ରହିଛି। ଅଧିକନ୍ତୁ ଗୋଟିଏ ଗୋଟିଏ ବହି ସେଠାରେ ଯେତେ ସଂଖ୍ୟାରେ ବିକ୍ରୀ ହେଉଛି, ଗୋଟିଏ ଗୋଟିଏ ବହିର ପ୍ରକାଶନ ଓ ବିଜ୍ଞାପନରେ ଯେମିତି ଅର୍ଥବ୍ୟୟ କରାଯାଉଛି ଏବଂ ଲେଖକମାନଙ୍କୁ ଯେଉଁଭଳିଭାବରେ ଅର୍ଥ ଓ ସମ୍ମାନ ମିଳୁଛି ତାହା ଆଶ୍ଚର୍ଯ୍ୟର ବିଷୟ। ଆମ ଦେଶରେ ପାଠକ ସଂଖ୍ୟା ଯେ କମୁଛି ତା' ନୁହେଁ କିନ୍ତୁ ଗସିପ, ସେକ୍ସ, ଥ୍ରିଲର୍ ଏସବୁ ପ୍ରତି ପାଠକ ମାନଙ୍କ ଆଗ୍ରହ ବେଶି ରହୁଛି ଯାହା ଅନୁପାତରେ ସିରିୟସ ଲିଟରେଚର ପ୍ରତି ଆଦର ରହୁନାହିଁ।